**ସଂକ୍ଷେପରେ**

## ଆକ୍ରମଣ ମାମଲା, ୩ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୧୪।୧୧:** ଗଞ୍ଜାମ ଜିଲା ବିଚାର ବିଭାଗ ମାଜିଷ୍ଟ୍ରେଟ-୨ ଯୁଧିଷ୍ଠିର ଦଳାଇ ଗୁରୁବାର ଏକ ଆକ୍ରମଣ ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ୩ ଅଭିଯୁକ୍ତଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ଗୋଷାଣୀନୂଆଗାଁର ବିକି ବେହେରା, ଅର୍ଜୁନ ଦାସ ଓ ନୀଳକଣ୍ଠ ମହାନ୍ତି। ପ୍ରକାଶଯେ, ୨୦୧୫ ନଭେମ୍ବର ୧୮ ସନ୍ଧ୍ୟାରେ ରବି ପାଣିଗ୍ରାହୀଙ୍କୁ କେ.ସି.ହାୟରି ସେକେଣ୍ଡାରି ସ୍କୁଲ ନିକଟରେ ଉପରୋକ୍ତ ୩ ଅଭିଯୁକ୍ତ କମେଣ୍ଟ ମରାକୁ କେନ୍ଦ୍ର କରି ଠେଙ୍ଗାରେ ଆକ୍ରମଣ କରିଥିଲେ। ପରେ ଆହତ ରବି ଏନେଇ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୭୫/୧୫ରେ ଏକ ମାମଲା ରୁଜୁ ସହ ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଗୁରୁବାର ଏହି ମାମଲାର ଶୁଣାଣି ବେଳେ ୧୬ ସାକ୍ଷୀଙ୍କ ବୟାନକୁ ଆଧାର କରି ପ୍ରମାଣ ଅଭାବରୁ ସେମାନଙ୍କୁ ମାଜିଷ୍ଟ୍ରେଟ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରସନ୍ନ କୁମାର ସେଠୀ ମକଦ୍ଦମା ପରିଚାଳନା କରିଥିଲେ।

## ଟିକରପଡ଼ା ସ୍କୁଲରେ ଶିଶୁ ଦିବସ

**ବ୍ରହ୍ମପୁର ଅଫିସ,୧୪।୧୧:** ବ୍ରହ୍ମପୁର ନିକଟ ଟିକରପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜୟନ୍ତୀ ତଥା ଶିଶୁ ଦିବସ ପାଳିତ ହୋଇଥିଲା । ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କେତେକ ବିଦ୍ୟାର୍ଥୀ ଏହି ଦିବସ ପାଳନ ସମ୍ପର୍କରେ ଆଲୋକପାତ କରିଥିଲେ । ନେହେରୁଙ୍କ ମହାନ୍ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏମ. ଇନ୍ଦିରା ଦୋରା, ମୋତିମାଳା ସାମଲ, ସୁଚରିତା ପାଢ଼ୀ, ସ୍ନେହପ୍ରଭା ମିଶ୍ର ଓ ରମେଶ ଚନ୍ଦ୍ର ସେଠୀ ପ୍ରମୁଖ ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ । ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା । ଶିଶୁ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା ।

## ମୋ ସ୍ୱାସ୍ଥ୍ୟକେନ୍ଦ୍ର-ମୋ ଗର୍ବ କାର୍ଯ୍ୟକ୍ରମ

**ବେଗୁନିଆପଡା,୧୪।୧୧(ଡି.ଏନ.ଏ.):** ସୁମଣ୍ଡଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଏକ ମିଳିତ ସଫେଇ କାର୍ଯ୍ୟକ୍ରମ ଜରିଆରେ ମୋ ସ୍ୱାସ୍ଥ୍ୟକେନ୍ଦ୍ର ମୋ ଗର୍ବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବେଗୁନିଆପଡା ବିଡିଓ ପ୍ରଦୀପ କୁମାର ପଣ୍ଡା ଉଦ୍‌ଘାଟନ କରିଥିଲେ। ସକାଳୁ ବିଡିଓଙ୍କ ସମେତ ବେଗୁନିଆପଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା.ସଞ୍ଜୟ କୁମାର ସାହୁ, ବ୍ଲକ ବିଜେଡି ସଭାପତି ବିଜୟ କୁମାର ଦୋରା, ପୂର୍ବତନ ଜିଲା ପରିଷଦ ସଦସ୍ୟ ତ୍ରିନାଥ ଭୂୟାଁ, ସରପଞ୍ଚ ଅରୁଣ କୁମାର ମାଝି, ସାମାଜିକ କର୍ମୀ ଶିବ ଶଙ୍କର ମାଝି ଓ ଯୁବ ବାହିନୀ ସଦସ୍ୟ, ମେଡିକାଲ କର୍ମଚାରୀ ଉପସ୍ଥିତ ରହି ପରିବେଶ ପରିଷ୍କାର କରିଥିଲେ। ପରିସରରେ ଥିବା ଡ୍ରେନ, ପ୍ରାଚୀରକୁ ଲାଗି ରହିଥିବା ଖାଲି ଜାଗା ସଫେଇ ଓ ସମ୍ପୂର୍ଣ୍ଣ ଛାତ ଉପର ଅଳିଆ ଆବର୍ଜନାକୁ ଝାଡୁ କରଥିଲେ।

## ■ ଗୁଟ୍‌ଖା ନିଷେଧ ଆଇନ ଧର୍ମକୁ ଆଖିଠାର

# ଗଜପତି ଖାଦ୍ୟ ନିରାପତ୍ତା ଅଧିକାରୀ ଗଞ୍ଜାମ ଦାୟିତ୍ୱରେ

**ବ୍ରହ୍ମପୁର ଅଫିସ,୧୪।୧୧**

■ ଏବେବି ଜିଲାରେ ଚାଲିଛି ଅବାଧରେ ଗୁଟ୍‌ଖା ବିକ୍ରି

■ ୨ ବର୍ଷ ହେଲା ନାହାନ୍ତି ସ୍ଥାୟୀ ଖାଦ୍ୟ ନିରାପତ୍ତା ଅଧିକାରୀ

ଗୁଟ୍‌ଖା ଓ ନିକୋଟିନଯୁକ୍ତ ତମାଖୁ ବ୍ୟବହାର, ବିପଣନ ଆଦି ଉପରେ ରାଜ୍ୟ ସରକାର ନିଷେଧାଦେଶ ଜାରି କରିବାର ପ୍ରାୟ ୭ ବର୍ଷ ହୋଇଗଲାଣି। ଏବେସୁଦ୍ଧା ଗୁଟ୍‌ଖା ବଜାରରେ ଖୋଲାଖୋଲି ଉପଲବ୍ଧ ହେଉଛି। ଏହାକୁ ରୋକିବାକୁ ଯେପରି କେହି ଉଦ୍ୟମ କରୁନାହାନ୍ତି। ଆମ ରାଜ୍ୟରେ ମୁଖଗହ୍ୱର କର୍କଟ ରୋଗ ସମେତ ବହୁ ମାରାତ୍ମକ ବ୍ୟାଧି ଗୁଟ୍‌ଖା ସେବନ ଯୋଗୁ ବଢୁଥିବାରୁ ଏହାକୁ ତମାଖୁ ମୁକ୍ତ ରାଜ୍ୟ କରିବା ଉଦ୍ଦେଶ୍ୟରେ ସେତେବେଳେ ନିଷେଧାଦେଶ ଜାରି କରାଯାଇଥିଲା। ପୂର୍ବରୁ ଗୁଟ୍‌ଖା ପ୍ରସ୍ତୁତି ଓ ବିକ୍ରି ଉପରେ ସରକାର ଟିକସ ଧାର୍ଯ୍ୟ କରିଥିଲେ। ହେଲେ ୨୦୧୩ ଜାନୁୟାରୀରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ଜାରି କରିଥିଲେ। ଏଥିରେ ଗୁଟ୍‌ଖା ଓ ନିକୋଟିନଯୁକ୍ତ ପାନମସଲା ପ୍ରସ୍ତୁତି, ବିକ୍ରୟ, ବିପଣନ ଓ ସେବନ ଉପରେ କଟକଣା ଥିଲା। ଫୁଡ ସେଫଟି ଆଣ୍ଡ ଷ୍ଟାଣ୍ଡାର୍ସ (ପ୍ରୋହିବିଶନ ଆଣ୍ଡ ରେଜିଷ୍ଟ୍ରେସନ ଅନ ସେଲ୍ସ) ରେଗୁଲେଶନ ଆଧାରରେ ସରକାର ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏଭଳି ଆଇନ ଲାଗୁ କରିଥିଲେ। ଗୋଟିଏ ପଟେ ରାଜ୍ୟ ସରକାର ଏ ବାବଦରେ ପାଉଥିବା କୋଟି କୋଟି ଟଙ୍କାର ଟିକସ ହରାଇଥିଲେ। ଅନ୍ୟପଟେ ଆଶା କରାଯାଉଥିଲା ଗୁଟ୍‌ଖା ପ୍ରସ୍ତୁତି ଓ ବିକ୍ରି ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବ। ହେଲେ ଏବେ ବ୍ରହ୍ମପୁର ଓ ଏହାର ସହରତଳି ଅଞ୍ଚଳରେ ବେଆଇନ ଭାବେ ଗୁଟ୍‌ଖା ପ୍ରସ୍ତୁତି ହୋଇ ଜିଲା ତଥା ଅନ୍ୟ ରାଜ୍ୟକୁ ଏହା ବିକ୍ରି ପାଇଁ ଚାଲାଣ ହେଉଥିବା ନଜିର ରହିଛି। ନିକଟରେ ବ୍ରହ୍ମପୁର ରେଳଷ୍ଟେଶନରୁ ସରକାରୀ ରେଳବାଇ ପୋଲିସ ବିପୁଳ ପରିମାଣର ଗୁଟ୍‌ଖା ଜବତ କରିଥିଲା। ଏପରିକି ବିଗତ ଦିନଗୁଡ଼ିକରେ ବଡବଜାର, ଗୋଷାଣୀନୂଆଗାଁ ବୈଦ୍ୟନାଥପୁର ପୋଲିସ ଓ ସଦରଥାନା ପକ୍ଷରୁ କୋଟି କୋଟି ଟଙ୍କାର ଗୁଟ୍‌ଖା ଜବତ ହେବା ସହ ବହୁ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହା ସତ୍ତ୍ୱେ ମଧ୍ୟ ଏବେ ଜିଲାରେ ଅବାଧରେ ଗୁଟ୍‌ଖା ବିକ୍ରି ଚାଲିଛି। ଅନ୍ୟପଟେ ଜିଲାରେ ପ୍ରାୟ ୨ ବର୍ଷ ହେଲା ସ୍ଥାୟୀ ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ନାହାନ୍ତି। ସେପଟେ ବେଳେ ବେଳେ ପୋଲିସ ଗୁଟ୍‌ଖା ପ୍ରସ୍ତୁତି କାରଖାନାରେ ଚଢାଉ କରି ତାଙ୍କ କାମ ସାରି ଚୁପ୍ ହୋଇ ରହୁଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ପାଣିଗ୍ରାହୀ କୁହନ୍ତି, ଜିଲାରେ ୨୦୧୮ରୁ ସ୍ଥାୟୀ ଖାଦ୍ୟ ନିରାପତ୍ତା ଅଧିକାରୀ ନାହାନ୍ତି। ଏ ନେଇ ଆମେ ରାଜ୍ୟ ସରକାରଙ୍କୁ ୩/୪ ଥର ଚିଠି ଲେଖିଛୁ। ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ କିଛିଦିନ ହେଲା ଗଜପତି ଜିଲାରେ ଥିବା ଖାଦ୍ୟ ନିରାପତ୍ତା ଅଧିକାରୀ ସ୍ମିତା ଖାଡ଼ଙ୍ଗାଙ୍କୁ ଗଞ୍ଜାମ ଜିଲା ଅସ୍ଥାୟୀ ଖାଦ୍ୟ ନିରାପତ୍ତା ଅଧିକାରୀ ଭାବେ ନିଯୁକ୍ତି ମିଳିଛି ବୋଲି ସିଡ଼ିଏମ୍‌ଓ ପାଣିଗ୍ରାହୀ କହିଛନ୍ତି। ବ୍ରହ୍ମପୁର ଏସ୍‌ଡ଼ିପିଓ ବିଷ୍ଣୁପ୍ରସାଦ ପତି କହିଛନ୍ତି, ପୋଲିସ ଗୁଟ୍‌ଖା ବେପାରୀଙ୍କ ଉପରେ ତୀକ୍ଷ୍ଣ ନଜର ରଖିଛି। ଖବର ପାଇବା ମାତ୍ରେ ସେଠାରେ ଚଢାଉ ସହ ଗୁଟ୍‌ଖା ଜବତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଗୁରୁକୁଳ ଇଣ୍ଟରନ୍ୟାଶନାଲରେ ଶିଶୁ ଦିବସ



କାର୍ଯ୍ୟକ୍ରମରେ ଶିଶୁଙ୍କ ସହ ମୁଖ୍ୟଅତିଥି ଓ ଅନ୍ୟମାନେ ।

**ବ୍ରହ୍ମପୁର ଅଫିସ,୧୪।୧୧**

ବ୍ରହ୍ମପୁର ଗୁଡସଶେଡରୋଡସ୍ଥିତ ଗୁରୁକୁଳ ଇଣ୍ଟରନ୍ୟାଶନାଲ ପବ୍ଲିକ ସ୍କୁଲରେ ଶିଶୁ ଦିବସ ଗୁରୁବାର ପାଳିତ ହୋଇଯାଇଛି। ବିଦ୍ୟାଳୟ ଚେୟାରମ୍ୟାନ ପ୍ରଶାନ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ନରସିଂହ ସାହୁ, ଉପାଧ୍ୟକ୍ଷ ଭିକାରୀ ଚରଣ ବେହେରା ଅତିଥି ଭାବେ ଯୋଗଦେଇ ଦିବସର ଗୁରୁତ୍ୱ ଓ ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନେ ନାଟକ, ନୃତ୍ୟ, ସଙ୍ଗୀତ ମାଧ୍ୟମରେ ବିଭିନ୍ନ ଦିଗରେ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ।ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜୀବନ ଅଦର୍ଶରେ ଅନୁପ୍ରାଣିତ ହେବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ବିଦ୍ୟାଳୟ ସମ୍ପାଦିକା ଅନିତା କୁମାରୀ ପାଢୀ ଧନ୍ୟବାଦ ଦେଇଥିଲେ।

## ସିଣ୍ଡିକେଟ ବ୍ୟାଙ୍କରେ ଶିଶୁ ଦିବସ




**ଭୁବନେଶ୍ୱର,୧୪।୧୧**

ସିଣ୍ଡିକେଟ ବ୍ୟାଙ୍କ ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ବ୍ରହ୍ମପୁର ଶିବାନନ୍ଦ ନଗରସ୍ଥିତ ମା' ସରସ୍ୱତୀ ବିଦ୍ୟାମନ୍ଦିରଠାରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସୁରେନ୍ଦ୍ର ନାଥ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ କ୍ଷେତ୍ରୀୟ କାର୍ଯ୍ୟାଳୟ ଆଞ୍ଚଳିକ ପ୍ରବନ୍ଧକ କାହ୍ନୁଚରଣ ଚୁଡୁ, ନିରୀକ୍ଷଣ ବିଭାଗ ପ୍ରବନ୍ଧକ ରଞ୍ଜିତ କୁମାର ବେହେରା, ପରିଚାଳନା ସମିତି ସମ୍ପାଦକ ଯଜ୍ଞ ନାରାୟଣ ପାଠୀ, ବିଦ୍ୟାଳୟ ପ୍ରତିଷ୍ଠାତା ଗୌରୀ ଶଙ୍କର ପାତ୍ର ଉପସ୍ଥିତ ରହି ଶିଶୁମାନଙ୍କର ବିକାଶ ଦିଗରେ ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ଷେତ୍ରୀୟ କାର୍ଯ୍ୟାଳୟ ମାର୍କେଟିଂ ଅଧିକାରୀ ଅଜିତ କୁମାର ସାହୁ ଏବଂ ଅର୍ପିତା ବିଶ୍ୱାସ ଏଥିରେ ସହଯୋଗ କରିଥିଲେ।

## ବ୍ରହ୍ମପୁର ପୋଲିସର ୨୪ ଘଣ୍ଟିଆ ରକ୍ତଦାନ କାର୍ଯ୍ୟକ୍ରମ ଉତ୍ସର୍ଗ ଉଦ୍‌ଘାଟିତ

# ଏଣିକି ଗରିବ ରୋଗୀଙ୍କୁ ରକ୍ତ ମିଳିବ



ଶିବିରରେ ରକ୍ତ ସଂଗ୍ରହ କରାଯାଉଛି ।

**ବ୍ରହ୍ମପୁର ଅଫିସ,୧୪।୧୧**

ବ୍ରହ୍ମପୁର ବଡ ମେଡିକାଲ ଅଡିଟୋରିୟମରେ ଗୁରୁବାର ବ୍ରହ୍ମପୁର ପୋଲିସ ଜିଲା ତରଫରୁ ୨୪ ଘଣ୍ଟିଆ ରକ୍ତଦାନ ସହାୟତା କାର୍ଯ୍ୟକ୍ରମ ଉତ୍ସର୍ଗ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଦକ୍ଷିଣାଞ୍ଚଳ ରେଞ୍ଜ ଡିଆଇଜି ସତ୍ୟବ୍ରତ ଭୋଇ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ପୋଲିସ ଜନସାଧାରଣଙ୍କ ନିକଟତର ହେବା ସହ ରୋଗୀଙ୍କୁ ଜରୁରୀ ସମୟରେ ରକ୍ତଦାନ କରିବ ବୋଲି ଡିଆଇଜି ଭୋଇ ସୂଚନା ଦେଇଛନ୍ତି। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର କହିଥିଲେ, ରକ୍ତଦାନ ଏକ ମହତ୍ ଦାନ। ଦକ୍ଷିଣ ଓଡ଼ିଶାର ଏକମାତ୍ର ଭରସା ଯୋଗ୍ୟ। ସ୍ୱାସ୍ଥ୍ୟକେନ୍ଦ୍ର ହେଉଛି ଏମ୍‌କେସିଜି ମେଡିକାଲ। ଏଠାକୁ ପ୍ରତିଦିନ ବହୁ ସଂଖ୍ୟାରେ ରୋଗୀ ଆସିଥାନ୍ତି। ଏଠାରେ ବହୁ ପରିମାଣର ରକ୍ତର ଆବଶକତା ରହିଛି। ବ୍ରହ୍ମପୁର ପୋଲିସ ଜିଲାରେ ୧୨୦୦ ପୋଲିସ କର୍ମଚାରୀ ଓ ହୋମଗାର୍ଡ ରହିଛନ୍ତି। ଯାହାକି ପୋଲିସ ବିଭାଗର ମାନବ ସମ୍ବଳ ଅଟେ। ସେମାନଙ୍କ ରକ୍ତ ଗ୍ରୁପର ତଥ୍ୟ ପ୍ରସ୍ତୁତ କରାଯାଇଛି। ଯଦି କୌଣସି ରୋଗୀଙ୍କ ପାଇଁ ବ୍ରହ୍ମପୁର ରକ୍ତ ଭଣ୍ଡାରରେ ରକ୍ତ ଯୋଗାଡ଼ ହୋଇପାରୁନାହିଁ, ତେବେ ସେମାନଙ୍କ ପରିବାର ବର୍ଗ ବ୍ରହ୍ମପୁର ପୋଲିସ ତରଫରୁ ଜାରି କରାଯାଇଥିବା ହେଲ୍ପ ଲାଇନ ନମ୍ବର କିମ୍ବା ପୋଲିସ କଣ୍ଟ୍ରୋଲ ରୁମ ନମ୍ବର ୧୦୦କୁ ଫୋନ କରି ଆବଶ୍ୟକ ସହାୟତା ନେଇପାରିବେ ବୋଲି ଏସ୍‌ପି ମିଶ୍ର ସୂଚନା ଦେଇଛନ୍ତି। ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଏମ୍‌କେସିଜି ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ରାଧାମାଧବ ତ୍ରିପାଠୀ, ଭାରପ୍ରାପ୍ତ ଅଧୀକ୍ଷକ ଡାକ୍ତର ସନ୍ତୋଷ କୁମାର ମିଶ୍ର, ରକ୍ତ ଭଣ୍ଡାର ଅଧିକାରୀ ପ୍ରଫେସର ରବିକୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଉଦ୍‌ଘାଟନୀ ଦିବସରେ ୨ ଜଣ କନଷ୍ଟେବଳ ୨ ରୋଗୀଙ୍କ ପାଇଁ ରକ୍ତଦାନ କରିଥିଲେ। ସଦର ଏସ୍‌ଡ଼ିପିଓ ଜୟନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବ୍ରହ୍ମପୁର ଏସ୍‌ଡ଼ିପିଓ ବିଷ୍ଣୁପ୍ରସାଦ ପତି ଓ ଜିଲାର ସମସ୍ତ ଥାନାଧିକାରୀ ଉପସ୍ଥିତ ଥିଲେ।

## ୧୦ ଜୁଆଡ଼ି ଗିରଫ, ୧.୩ ଲକ୍ଷ ଜବତ

**ବ୍ରହ୍ମପୁର ଅଫିସ,୧୪।୧୧**

ଟାଉନ ଥାନା ପୋଲିସ ଗୁରୁବାର ରାତି ପ୍ରାୟ ସାଢ଼େ ୮ଟାରେ ଏକ ଜୁଆଆଡ୍ଡାରେ ଚଢ଼ାଉ କରିଛି। ଗେଟବଜାର ଅଞ୍ଚଳରେ ଚାଲିଥିବା ଜୁଆଆଡ୍ଡାରୁ ୧୦ ଜୁଆଡ଼ିଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୧ ଲକ୍ଷ ୩୦ ହଜାର ଟଙ୍କା ଓ ମୋବାଇଲ ଫୋନ ଜବତ କରାଯାଇଥିବା ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁ ପ୍ରସାଦ ପତି ସୂଚନା ଦେଇଛନ୍ତି ।

## ଆନ୍ଧ୍ର ସରକାରଙ୍କ ନିଷ୍ପତ୍ତିକୁ ବିରୋଧ

**ବ୍ରହ୍ମପୁର ଅଫିସ୍,୧୪।୧୧**

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ସରକାରୀ ସ୍କୁଲରେ ତେଲୁଗୁ ବଦଳରେ ଇଂଲିଶ ଭାଷା ପ୍ରଚଳନ ପାଇଁ ଘୋଷଣା କରିଛନ୍ତି ଆନ୍ଧ୍ର ପ୍ରଦେଶ ସରକାର। ଏହାକୁ କେବଳ ଆନ୍ଧ୍ରପ୍ରଦେଶ ନୁହଁ, ତେଲୁଗୁ ଭାଷାଭାଷୀ ଦେଶର ବିଭିନ୍ନ ଅଞ୍ଚଳରେ ବିରୋଧ କରାଯାଉଛି। ବ୍ରହ୍ମପୁରରେ ମଧ୍ୟ ଗୁରୁବାର ବିରୋଧର ସ୍ୱର ଉଠିଛି। ଗିରି ମାର୍କେଟ ସ୍ଥିତ ପ୍ରକାଶମ୍ ହଲ ପାଠାଗାର ଗୃହରେ ମହାତ୍ମା ହେଲପିଙ୍ଗ କ୍ଲବ ପକ୍ଷରୁ ଆୟୋଜିତ ବୈଠକରେ ଆନ୍ଧ୍ର ସରକାରଙ୍କ ନିଷ୍ପତ୍ତି ଯୋଗୁ ତେଲୁଗୁ ଭାଷା ପ୍ରତି ବିପଦ ସୃଷ୍ଟି ହୋଇଛି ବୋଲି ମତପ୍ରକାଶ ପାଇଛି। ସଂଯୋଜକ ଏମ୍. ଭେଙ୍କଟ ରାମାଣାଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ଆନ୍ଧ୍ର ପ୍ରଦେଶ ସରକାର ମାତୃଭାଷା ତେଲୁଗୁକୁ ଗୁରୁତ୍ୱ ନ ଦେଇ ଇଂଲିଶ ଭାଷାକୁ ପ୍ରଥମ ଭାଷା ଭାବେ ରଖିବାକୁ ଉଦ୍ୟମ କରୁଛନ୍ତି ବୋଲି ଆଲୋଚନା କରାଯାଇଥିଲା। ଏହା ବିରୋଧରେ ଘୋର ପ୍ରତିବାଦ କରିବା ସହିତ ତେଲୁଗୁ ଭାଷାକୁ ରକ୍ଷା କରିବା ପାଇଁ ମହାତ୍ମା ହେଲ୍‌ପିଙ୍ଗ କ୍ଲବ ତରଫରୁ ବିରୋଧ କରାଯାଇଥିଲା। ଆନ୍ଧ୍ର ପ୍ରଦେଶ ସରକାରଙ୍କୁ ନିନ୍ଦା କରିବା ସହ ତେଲୁଗୁ ଭାଷାକୁ ରକ୍ଷା କରିବା ପାଇଁ ସ୍ମାରକପତ୍ର ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଆର. ସୁରଭାଇ, ପି.ସତ୍ୟନାରାୟଣ ବାବୁ, ରବି କୁମାର ଗୁପ୍ତା, କେ.କେଦାରନାଥ, ଏମ୍.ଜଗନ୍ନାଥ ଆଚାରୀ, ଭୀଷ୍ମାଚାର୍ଯ୍ୟ ଚୌଧୁରୀ, ବି. ବୀରାଭାଦ୍ରାମ୍, ଏ. ସୁରେଶ, ଭି.ଚନ୍ଦ୍ରାୟା ରାଜୁ, ଭି.ଭେଙ୍କଟ, ବି.ରାଜୁ, ଜଗନ୍ନାଥ ରାଓଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ।


ବୈଠକରେ ଉପସ୍ଥିତ କ୍ଲବର କର୍ମକର୍ତ୍ତାମାନେ ।

## ■ ଜିଲା ମୁଖ୍ୟ ଚିକିତ୍ସାଳୟରେ 'ମୋ ହସ୍ପିଟାଲ ମୋ ଗର୍ବ' କାର୍ଯ୍ୟକ୍ରମ

# ରକ୍ତଦେଇ ଉଦ୍‌ଘାଟନ କଲେ ଜିଲାପାଳ

**ବ୍ରହ୍ମପୁର ଅଫିସ୍,୧୪।୧୧**

ବ୍ରହ୍ମପୁର ସିଟି ହସ୍ପିଟାଲତଥା ଜିଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ପୂର୍ବାହ୍ନରେ 'ମୋ ହସ୍ପିଟାଲମୋ ଗର୍ବ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କ ପାଇଁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲାପାଳ କୁଲାଙ୍ଗେ ପ୍ରଥମେ ରକ୍ତଦେବାକୁ ଇଚ୍ଛା କରିଥିଲେ। ନିଜେ ରକ୍ତ ଦେବା ସହ ଅନ୍ୟମାନେ ମଧ୍ୟ ରକ୍ତଦାନ କରିବା ଆବଶ୍ୟକ ବୋଲି କହିଥିଲେ। ଜଣକ ରକ୍ତ ଅନ୍ୟ ଜଣକ ଜୀବନ ବଞ୍ଚାଇ ଥାଏ। ସମସ୍ତେ ରକ୍ତଦାନ କରନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ଜିଲାପାଳ କୁଲାଙ୍ଗେଙ୍କ ପରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲା ପ୍ରକଳ୍ପ ପରିଚାଳକ ଶ୍ୟାମ ସୁନ୍ଦର ତ୍ରିପାଠୀ ରକ୍ତ ଦେଇଥିଲେ । ରକ୍ତଦାନ ପରେ ଜିଲାପାଳ କୁଲାଙ୍ଗେ ମେଡ଼ିସିନ୍ ୱାର୍ଡ଼ ବୁଲି ଦେଖିଥିଲେ।


ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ରକ୍ତଦାନ କରୁଛନ୍ତି ।

ପରେ ଆଇଇସି ହଲ୍‌ରେ 'ମୋ ହସ୍ପିଟାଲ ମୋ ଗର୍ବ' ଅଭିଯାନର ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିପିଏଚ୍‌ଓ ଡା. ଜଗଦୀଶ ପଟ୍ଟନାୟକ, ଏଡିପିଏଚ୍‌ଓ(ପରିବାର କଲ୍ୟାଣ) ଡା. ଭି.ସରୋଜିନୀ ଦେବୀ, ଅତିରିକ୍ତ ନିର୍ଦ୍ଦେଶକ-୧ ଡା. ହିମାଂଶୁବାଳା ପଟ୍ଟନାୟକ, ଏନ୍‌ଏଚ୍‌ଏମ୍‌ର ଡିପିଏମ୍ ଶ୍ୟାମ ସୁନ୍ଦର ତ୍ରିପାଠୀ, ଡିଏମ୍‌ଓ ଡା. ପି.କୁର୍ମାୟା, ଡିଏମ୍‌ଆର୍‌ସିଏଚ୍ ଶକ୍ତି କୁମାର ଦିଗାଲ୍, ଡିଡିଏମ୍ ପ୍ରଫୁଲ୍ଲ ପାତ୍ର, ଆଶା ଏଏମ୍ ଆଶିଷ ମିଶ୍ର, ହସ୍ପିଟାଲ ମ୍ୟାନେଜର କବିତା ମଞ୍ଜରୀ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ଗଞ୍ଜାମ ଜିଲାରେ ଥିବା ସମସ୍ତ ହସ୍‌ପିଟାଲ୍‌ରେ ସ୍ୱଚ୍ଛ ପରିବେଶ ଏବଂ ରୋଗୀଙ୍କୁ ଚିକିତ୍ସା ସୁବିଧା ପ୍ରଦାନ ପାଇଁ ମୋ ହସ୍ପିଟାଲମୋ ଗର୍ବ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏଥିରେ, ସମ୍ପୃକ୍ତ ହସ୍ପିଟାଲ ଅଧୀନରେ ଥିବା ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଂଗଠନ, ହସ୍ପିଟାଲ କର୍ତ୍ତୃପକ୍ଷ ଏବଂ ବିଭିନ୍ନ ବିଭାଗ ଅଧିକାରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହେଉଛି। ଏଥିରେ ହସ୍ପିଟାଲ ବିକାଶ ସମ୍ପର୍କରେ ଆଲୋଚନା କରାଯାଉଛି। ହସ୍ପିଟାଲ ପରିସର ସ୍ୱଚ୍ଛ ରଖିବା, ଚିକିତ୍ସା ସେବାରେ ଉନ୍ନତି ଦିଗରେ କ'ଣ ସବୁ ପଦକ୍ଷେପ ନିଆଯାଇ ପାରିବ, ବିଭିନ୍ନ କାର୍ଯ୍ୟକ୍ରମରେ ସାଧାରଣ ଜନତାଙ୍କ ଭାଗୀଦାରିକୁ ବୃଦ୍ଧି କରାଯାଇ ପାରିବ, ସେ ସମ୍ପର୍କରେ ଆଲୋଚନା ହେଉଛି। ଏଥି ସହ ରକ୍ତଦାନ ଶିବିର ଏବଂ ସମୁହ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏତଦ୍ ବ୍ୟତୀତ ଯେଉଁମାନେ ହସ୍‌ପିଟାଲ୍‌କୁ କିଛି ଦାନ କରିବାକୁ ଚାହୁଁଛନ୍ତି, ତାହା ମଧ୍ୟ ଗ୍ରହଣ କରାଯାଉଛି। ରକ୍ତଦାତା ଏବଂ ସାମଗ୍ରୀ ଦାତାଙ୍କୁ ଜିଲାପାଳଙ୍କ ହସ୍ତଖତ ସମ୍ବଳିତ ପ୍ରଶଂସା ପତ୍ର ପ୍ରଦାନ କରାଯାଉଛି। ପ୍ରାୟତଃ ସମସ୍ତ ହସ୍‌ପିଟାଲ୍‌ରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇସାରିଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## 'ଗୋଷ୍ଠୀ ସହଭାଜନ କାନ୍ଥ' ଉଦ୍‌ଘାଟିତ

**ବ୍ରହ୍ମପୁର ଅଫିସ୍,୧୪।୧୧**

ଗ୍ରୀନ୍ ଆକ୍ସନ ୱିକ୍-୨୦୧୯ ପାଳନ ଅବସରରେ ବ୍ରହ୍ମପୁର ପୁରୁଣା ବସ୍‌ଷ୍ଟାଣ୍ଡ ସ୍ଥିତ ଆହାର କେନ୍ଦ୍ର କାନ୍ଥରେ 'ଗୋଷ୍ଠୀ ସହଭାଜନ କାନ୍ଥ' ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ବ୍ରହ୍ମପୁର ମହାନଗର ନିଗମର କମିଶନ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ଉପସ୍ଥିତିରେ ସାଧାରଣ ନାଗରିକ ରିକ୍ସାଚାଳକ କୈଳାସ ଦାସଙ୍କ ଦ୍ୱାରା ଏହା ଉଦ୍‌ଘାଟନ କରାଯାଇଥିଲା।ସ୍ୱେଚ୍ଛାସେବୀ ସଂସ୍ଥା ୟୁଥ ଫର ସୋସିଆଲ ଡେଭଲପମେଣ୍ଟ (ୱାଇଏସ୍‌ଡି) ପକ୍ଷରୁ ଅକ୍ଟୋବର ମାସ ସାରା ସହରର ବିଭିନ୍ନ କ୍ଷେତ୍ରରେ ଗୋଷ୍ଠୀ ସହଭାଜନର ବହୁଳ ବ୍ୟବହାର ଓ ପ୍ରସାର ପାଇଁ ଅଭିଯାନ ମିଶନ ମୋଡରେ କାର୍ଯ୍ୟକାରୀ ହୋଇଛି। ଏହାକୁ ଅଭିଯାନ ତଥା ପ୍ରସାରରେ ସୀମିତ ନ ରଖି ନିତିଦିନିଆ ଜୀବନରେ କିପରି ବ୍ୟବହାରକୁ ଅଧିକ ସୁଦୃଢ କରାଯାଇପାରିବ, ତାକୁ ଭିତ୍ତିକରି ୱାଇଏସ୍‌ଡି ଏବଂ ବିଏମ୍‌ସି ଉଭୟଙ୍କ ସମନ୍ୱୟରେ ଏକ ଗୋଷ୍ଠୀ ସହଭାଜନ ପ୍ରାଚୀର ମଡେଲ ସଂସ୍ଥାପନ କରାଯାଇଛି। ଏହି ଗୋଷ୍ଠୀ ସହଭାଜନ କାନ୍ଥ ଉଦ୍‌ଘାଟନ ସମୟରେ ମହାନଗର ନିଗମ କମିଶନର ରାଠୋର ସହରର ବିଭିନ୍ନ ସ୍ଥାନରେ ଏପରି କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରାଯିବା ଆବଶ୍ୟକ ବୋଲି କହିଥିଲେ। ସହରର ମୁଖ୍ୟ ଛକଗୁଡିକରେ ସ୍ଥାପନ କରାଯାଇଥିବା ଇଲେକ୍ଟ୍ରୋନିକ୍ ଏଲଇଡି ଦ୍ୱାରା ପ୍ରଚାର ପାଇଁ ପଦକ୍ଷେପ ଗ୍ରହଣ କଲେ, ଏହାର ବ୍ୟବହାର ଅଧିକ ମାତ୍ରାରେ ବଢ଼ିବା ନଇ ୱାଇଏସ୍‌ଡି ସମ୍ପାଦକ ବିଭୁ ପ୍ରସାଦ ସାହୁ ପ୍ରସ୍ତାବ ଦେଇଥିଲେ। ସହରରେ ଗଢି ଉଠିଥିବା ବିଭିନ୍ନ ଆପାର୍ଟମେଣ୍ଟ ନିଜର ବ୍ୟବହୃତ ପୁରୁଣା ଜିନିଷ ଯଥା ପୁସ୍ତକ, ଲୁଗାପଟା, ଗୃହ ଉପକରଣ ଆଦି 'ଗୋଷ୍ଠୀ ସହଭାଜନ କାନ୍ଥ'କୁ ଶେୟାର କରିଥିଲେ। ସହରର ଅନେକ ବୁଦ୍ଧିଜୀବୀ ତଥା ଏହାର ଉଦ୍ଦେଶ୍ୟ ସାଧିତ କରୁଥିବା ସଂସ୍ଥା ରବିନ ହୁଡ ଆର୍ମି କର୍ମକର୍ତ୍ତା ମନୋଜ କୁମାର ମହାପାତ୍ର, ଶୁଭ୍ରଜିତ ସାହୁ, ରାଜେଶ କୁମାର, ବି. ତାରିଣୀ କୁମାର, ଦେବାଶିଷ ଆଚାର୍ଯ୍ୟ, କେ. ଶ୍ରୀଧର ଉପସ୍ଥିତ ଥିଲେ। ଗୋଷ୍ଠୀ ସହଭାଜନକୁ ଜୀବନରେ ବ୍ୟବହାର କରିବା ଦ୍ୱାରା ଲାଭ ବା ଉପାଦେୟତା ମିଳିଥାଏ। ଉଭୟ ବାଣିଜ୍ୟିକ ଓ ସାମାଜିକ ସୁବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇଥାଏ। ଯଦି ଆମେ ଏହାର ସୁପରିଚାଳନା କରିବା ସହ ପ୍ରୋତ୍ସାହନ ପାଇଁ ଗୁରୁତ୍ୱ ଦେବା ତେବେ ସହଭାଜନ ଅର୍ଥ ବ୍ୟବସ୍ଥା ବହୁଦିନ ପର୍ଯ୍ୟନ୍ତ ପ୍ରଚଳିତ ହୋଇପାରିବ, ଯାହାକି ସାରା ପୃଥିବୀରେ/ଦେଶରେ ପରିବର୍ତ୍ତନ ସୃଷ୍ଟି କରିବ। ଏହାର ବହୁଳ ବ୍ୟବହାର କେବଳ ଅର୍ଥ ବ୍ୟବସ୍ଥାକୁ ସୁଦୃଢ କରିବନି ବରଂ ଆମ୍ଭମାନଙ୍କ ମଧ୍ୟରେ ଉତ୍ତମ ଯୋଗାଯୋଗ ଓ ସୁସମ୍ପର୍କ ଦୃଢୀଭୂତ କରିବ, ସାମାଜିକ ବ୍ୟବସ୍ଥା ଦୃଢ ହେବ, ପ୍ରାକୃତିକ ସମ୍ବଳର ସଦୁପଯୋଗ ହେବ ଏବଂ ଏକ ସୁନ୍ଦର ସୁସ୍ଥ ପରିବେଶ ସୃଷ୍ଟି ହୋଇପାରିବ। ବାସ୍ତବ କ୍ଷେତ୍ରରେ ବର୍ଜ୍ୟ ବସ୍ତୁ ଉତ୍ପାଦନକୁ ହ୍ରାସ କରିବା ସହ ପୁଣି ଥରେ ବ୍ୟବହାର ପଦ୍ଧତିକୁ ଆପଣେଇବା ଉପରେ ଗୁରୁତ୍ୱାରୋପ ରହିବ ବୋଲି ୱାଇଏସ୍‌ଡିର ସମ୍ପାଦକ ସାହୁ ପ୍ରକାଶ କରିଥିଲେ। କର୍ମକର୍ତ୍ତା ଚନ୍ଦନ କୁମାର ସାହୁ ଓ ଅଭିରାମ କହଁର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ନାଗେଶ୍ୱର ପାତ୍ର, ତାପସ କୁମାର ପାତ୍ର, ଦିବ୍ୟ ଭଞ୍ଜନୀ ସାସମଲ ଓ ଶୃତି କୁମାରୀ ସାହୁ ସହଯୋଗ କରିଥିଲେ।

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶୁକ୍ରବାର, ନଭେମ୍ବର ୧୫/୨୦୧୯ Berhampur, Friday, November 15/ 2019


## ସଂକ୍ଷେପରେ

### ଝୁଲନ୍ତା ମୃତଦେହ ଉଦ୍ଧାର

ଆସିକା/କବିସୂର୍ଯ୍ୟନଗର,୧୪।୧୧(ଡି.ଏନ୍.ଏ.)- ଆସିକା ଥାନା ଖଡଭାଗ ଗ୍ରାମ ସଂଲଗ୍ନ ଏକ ଚାଷ ଜମି ପାଖରେ ଥିବା ଗଛରରୁ ଗୁରୁବାର ସକାଳେ ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ସେ ହେଲେ କବିସୂର୍ଯ୍ୟନଗର ଏନ୍ଏସିର ନାରାୟଣ ସେଠୀ (୨୮)। ଘଟଣା ସମ୍ପର୍କରେ ମୃତକଙ୍କ ସମ୍ପର୍କୀୟ ଭାଇ ସନ୍ତୋଷ କୁମାର ସେଠୀ ଆସିକା ପୋଲିସରେ ଅଭିଯୋଗ କରିଛନ୍ତି। ନାରାୟଣ ଦୀର୍ଘଦିନ ହେଲା ଘରୁ ଆସି ଆଉ ଫେରିନଥିଲେ। ପୋଲିସ ମୃତଦେହକୁ ଉଦ୍ଧାର କରି ଆସିକା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି। ଏ ନେଇ ନଂ.୨୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ।

### ବାରହା ଆକ୍ରମଣରେ ୨ଆହତ

ହିଞ୍ଜିଳିକାଟୁ,୧୪।୧୧(ଡି.ଏନ୍.ଏ.)- ହିଞ୍ଜିଳିକାଟୁ ବ୍ଲକ ଶାସନଆମ୍ବଗାଁ ପଞ୍ଚାୟତ ବାହିଆମ୍ବଗାଁରେ ବୁଧବାର ବାରହା ଆକ୍ରମଣରେ ୨ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଉକ୍ତ ଗ୍ରାମର ପ୍ରକାଶ ରାଉତ ଓ ଚିତ୍ରସେନ ସାହୁ। ଉଭୟେ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଚିକିତ୍ସିତ ହୋଇଛନ୍ତି। ପ୍ରକାଶ ବୁଧବାର ଭୋରରେ ଫୁଲ ତୋଳିବାକୁ ଆସିଥିବାବେଳେ ବାରହା ଆକ୍ରମଣ କରିଥିଲା। ଚିତ୍ରସେନ ରକ୍ଷା କରିବାକୁ ଯାଇଥିବାବେଳେ ତାଙ୍କୁ ମଧ ବାରହା ଆକ୍ରମଣ କରିଥିଲା। ପାଟିଶୁଣି ଗ୍ରାମବାସୀ ରୁଣ୍ଡ ହୋଇଯିବାରୁ ବାରହାଟି ପଳାଇଥିଲା। ଆହତ ୨ଜଣଙ୍କୁ ଗ୍ରାମବାସୀ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ବାହିଆମ୍ବଗାଁ, ଶାସନଆମ୍ବଗାଁ, ସାରୁ, ରାଳବ, ନିମିଗାଁ ପ୍ରଭୃତି ଗ୍ରାମରେ କିଛିଦିନ ହେଲା ବାରହା ଉପଦ୍ରବରେ ଫସଲ ନଷ୍ଟ ହୋଇଥିବା ଚାଷୀ ଅଭିଯୋଗ କରିଛନ୍ତି। ହିଞ୍ଜିଳିକାଟୁ ଫରେଷ୍ଟର ପ୍ରଦୀପ କୁମାର ପଣ୍ଡା କହିଛନ୍ତି, ଆହତମାନେ ସରକାରୀ ସହାୟତା ପାଇଁ ଆବେଦନ କଲେ ବିଭାଗ ପକ୍ଷରୁ ସହାୟତା ଉଦ୍ୟମ କରାଯିବ।

### ଜୁଆ ଆଡ୍ଡାରୁ ୩ ଗିରଫ

ଆସିକା,୧୪।୧୧(ଡି.ଏନ୍.ଏ.)- ଗାଙ୍ଗପୁର ଥାନା କେ. ନୂଆଗଡ ଗ୍ରାମରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ବୁଧବାର ବିଳମ୍ବିତ ରାତିରେ ପୋଲିସ ଚଢ଼ାଉ କରିଥିଲା। ଏଠାରୁ ୩ଜଣ ଜୁଆଡିଙ୍କୁ ଗିରଫ କରାଯାଇଥିବାବେଳେ ୫ହଜାର ୨ଶହ ଟଙ୍କା, ଦୁଇଟି ମୋବାଇଲ୍ ଓ ତାସ୍ ଜବତ କରାଯାଇଛି। ଗ୍ରାମର ନଈ କୂଳ ପରିତ୍ୟକ୍ତ ସ୍ଥଳିରେ ଜୁଆ ଆଡ୍ଡା ଚାଲିଥିବା ଖବର ପାଇ ପୋଲିସ ଏହି ଚଢ଼ାଉ କରିଥିଲା। ଗିରଫ ଅଭିଯୁକ୍ତମାନେ ସେହି ଗ୍ରାମର ବୋଲି ଜଣାପଡିଛି। ଅଭିଯୁକ୍ତଙ୍କ ବିରୁଦ୍ଧରେ ଗାଙ୍ଗପୁର ଥାନାରେ ନଂ.୨୦୮/୧୯ରେ ଏକ ମାମଲା ରୁଜୁ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧିରେଶ କୁମାର ଦାସ ସୂଚନା ଦେଇଛନ୍ତି।

### କାଠ ବୋଝେଇ ଟ୍ରାକ୍ଟର ଜବତ

ହାତୀଓଟ,୧୪।୧୧: ପୋଲସରା ବନାଞ୍ଚଳ ଅଧିକାରୀ ସଚିନ୍ କୁମାର ପ୍ରଧାନ, ବନପାଳ ହରପ୍ରସାଦ ସାହୁ ଓ ପାରା ମିଲିଟାରିଙ୍କ ସହ ଫରେଷ୍ଟଗାର୍ଡ ବୁଧବାର ଭୋରରେ ପାଟ୍ରୋଲିଂ କରୁଥିଲେ। ମନ୍ଦାରରୁ ସୋଡକ ରାସ୍ତାରେ ଥିବା ବୋଡାଘାଇ ପଟୁ ଆସୁଥିବା ଏକ କାଠବୋଝେଇ ଟ୍ରାକ୍ଟର ଚାଳକ ବନ କର୍ମଚାରୀଙ୍କୁ ଦେଖି ଗାଡି ଛାଡି ଦୌଡି ପଳାଇଥିଲେ। ବନ କର୍ମଚାରୀମାନେ ପହଞ୍ଚି ନମ୍ବର ବିହୀନ ଉକ୍ତ ଟ୍ରାକ୍ଟର ଓ ୪୯ ଘନଫୁଟ ଫାଶିକାଠ ଜବତ କରି ବୁଗୁଡା ବନବିଭାଗ ଅଫିସ୍‌ରେ ଜିମା ଦେଇଛନ୍ତି।

### ଭୋଜି ବାହାନାରେ ଜୁଆଖେଳ ୩ ଗିରଫ: କାର, ବାଇକ, ୯୨,୪୫୦ ଟଙ୍କା ଜବତ

ଦିଗପହଣ୍ଡି,୧୪।୧୧(ଡି.ଏନ.ଏ.)-ଦିଗପହଣ୍ଡି ପୋଲିସ ଗୁରୁବାର ଆନ୍ଧ୍ରପ୍ରଦେଶ ଇଚ୍ଛାପୁରର ପି. ପ୍ରବିନ କୁମାର, ଗୋଳନ୍ତରା ଥାନା ପନାଡ ଗ୍ରାମର ଦିବାକର ଗୌଡ, ବ୍ରହ୍ମପୁର ବଡ ବଜାର ଥାନା ଫାଷ୍ଟଗେଟ ଅଞ୍ଚଳର ଦୀପକ ମହାନ୍ତିଙ୍କୁ ଜୁଆ ଖେଳୁଥିବା ଅଭିଯୋଗରେ ବ୍ରହ୍ମପୁର କୋର୍ଟକୁ ଚାଲାଣ କରିଛି। ବୁଧବାର ମହୁରୀ କାଳୁଆ ପୀଠରେ ଛାଡଖାଇ ଭୋଜି ବାହାନାରେ ଚାଲିଥିଲା ଜୁଆଆଡ୍ଡା। ଥାନା ଅଧିକାରୀ ବସନ୍ତ କୁମାର ସେଠୀ ଅପରାହ୍ନ ପ୍ରାୟ ୪ ଟାରେ ସଦଳବଳ ସେଠାରେ ଚଢ଼ାଉ କରିଥିଲେ। ସୂଚନା ପାଇ ବହୁସଂଖ୍ୟକ ଜୁଆଡି ଘଟଣାସ୍ଥଳରୁ ଚମ୍ପଟ ମାରିଥିବା ବେଳେ ଉପରୋକ୍ତ ୩ ଜଣ ଧରାପଡିଥିଲେ। ସେମାନଙ୍କ ଠାରୁ ତାସ ମୁଠା, ପାଲ, ୯୨,୪୫୦ ଟଙ୍କା ସମେତ କାର (ନଂ. ଏପି୩୧ଏଏ- ୯୦୦୯) ଏବଂ ବାଇକ (ନଂ.ଓଆର୦୭ଏନ୍-୧୦୨୦) ଜବତ କରାଯାଇଥିଲା।

## ଗୁଣି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା ଘଟଣା

# ନଦୀପଠାରେ ପୋତିଥିବା କଟାମୁଣ୍ଡ ଉଦ୍ଧାର

■ ଅଭିଯୁକ୍ତ କୋର୍ଟଚାଲାଣ, ଜେଜେବି ଗଲେ ନାବାଳକ
■ ବୁଦାରୁ ଲୁଚାଇ ରଖିଥିବା କାତି ଉଦ୍ଧାର



ମାଜିଷ୍ଟ୍ରେଟ ଓ ପୋଲିସ ଅଧିକରୀଙ୍କ ଉପସ୍ଥିତିରେ ଅଭିଯୁକ୍ତ କଟାମୁଣ୍ଡ ପୋତିଥିବା ସ୍ଥାନ ଦେଖାଉଛି।

ମୋହନା,୧୪।୧୧(ଡି.ଏନ୍.ଏ.)

ଗଜପତି ଜିଲା ମୋହନା ଥାନା ମେରାପଲ୍ଲୀ ପଞ୍ଚାୟତରେ ଗୁଣିଗାରେଡି ସନ୍ଦେହରେ ମଙ୍ଗଳବାର ଅପରାହ୍ନରେ ଦାସୁ ମଳିକଙ୍କୁ ହତ୍ୟା କରାଯାଇଥିଲା। ବୁଧବାର ଥାନାରେ ଅଭିଯୋଗ ପରେ ନଂ.୨୦୨/୧୯ରେ ଏକ ହତ୍ୟା ମାମଲା ରୁଜୁକରି ପୋଲିସ ବେଣୀପଦରର ସାନୁଜ ମଳିକଙ୍କୁ ଗିରଫ କରିଥିଲା। ଗୁରୁବାର ସାନୁଜଙ୍କୁ ମାଜିଷ୍ଟ୍ରେଟ ତଥା ମୋହନା ତହସିଲଦାର କଲ୍ୟାଣୀ ସଂଘମିତ୍ରା ଦେବୀଙ୍କ ଉପସ୍ଥିତିରେ ଘଟଣାସ୍ଥଳକୁ ନିଆଯାଇଥିଲା। ସେଠାରେ ସେ କିପରି ହତ୍ୟା କରିଥିଲେ ତାହାର ଡେମୋ ଦେଖାଇବା ସହ ନଦୀତୁଠରେ ବାଲିରେ ପୋତିଥିବା କଟାମୁଣ୍ଡ ଖୋଳି ବାହାର କରିଥିଲେ। ଏହାପରେ ସେ ନିକଟସ୍ଥ ଏକ ବୁଦାରୁ ହତ୍ୟାକାଣ୍ଡରେ ବ୍ୟବହୃତ କାତିକୁ ମଧ ପୋଲିସକୁ ଦେଇଥିବା ମୋହନା ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆର୍. ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମହାନ୍ତି ସୂଚନା ଦେଇଛନ୍ତି। ସାନୁଜଙ୍କ ଜଣେ ନାବାଳକ ଭାଇଙ୍କୁ ପୋଲିସ ଏହି ଘଟଣାରେ ପାରଳାଖେମୁଣ୍ଡି ବାଳସୁଧାର ଗୃହକୁ ପଠାଇଛି।

ପ୍ରକାଶ ଯେ, ଭାଲିଆସାହି ଗ୍ରାମର ଦାସୁ ବହୁଦିନ ହେଲା ଅଞ୍ଚଳର ଲୋକଙ୍କ ଦେହ ଖରାପହେଲେ ଚେରମୂଳି ଔଷଧ ଦେବା ସହ ଝଡାଫୁଙ୍କା କରିଥାନ୍ତି। କିନ୍ତୁ ବେଣୀପଦର ଗ୍ରାମର ସାନୁଜ ଓ ଅନ୍ୟ କେତେଜଣ ତାଙ୍କୁ ଏଥିରୁ ନିବୃତ୍ତ ରହିବାକୁ କିଛିଦିନ ତଳେ ଧମକ ଦେଇଥିଲେ। ଦାସୁ ଥାନାରେ ଅଭିଯୋଗ କରିବା ପରେ ଏହାର ଆପୋସ ସମାଧାନ ହୋଇଥିଲା। ମଙ୍ଗଳବାର ଦାସୁ ମକାବାଡକୁ ଯାଇଥିବାବେଳେ ସାନୁଜ ଓ ନାବାଳକ ଭାଇ ସେଠାରେ ପହଞ୍ଚି କାତିରେ ବେକକୁ ହାଣି ମୁଣ୍ଡଗଣ୍ଡି ଅଲଗା କରି ଦେଇଥିଲେ। ପରେ କଟାମୁଣ୍ଡକୁ ନିକଟସ୍ଥ ନଦୀ ପଠା ବାଲିରେ ପୋତି କାତିଟିକୁ ମକାବାଡ ନିକଟ ବୁଦାରେ ଲୁଚାଇ ଫେରାର ହୋଇଯାଇଥିଲେ ବୋଲି ଏସ୍‌ଡିପିଓ ମହାନ୍ତି ଖବରଦାତା ସମ୍ମିଳନୀରେ ସୂଚନା ଦେଇଥିଲେ। ମୋହନା ଥାନା ଅଧିକାରୀ ସୁଜିତ କୁମାର ନାୟକ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ପରିବା ଗୋଦାମ ପୋଡ଼ିଦେଲେ ଦୁର୍ବୃତ୍ତ



ପୋଡି ଯାଇଥିବା ଗୋଦାମ।

ଫୁଲବାଣୀ ଅଫିସ, ୧୪।୧୧

ସ୍ଥାନୀୟ ହାଟପଦା ହାଟରେ ଥିବା ଏକ ପରିବା ଗୋଦାମ ଗୃହକୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ଛାରଖାର ହୋଇଯାଇଛି। ଏ ନେଇ ଗୋଦାମ କରିଥିବା ବ୍ୟବସାୟୀ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ମଧ କାହାରିକୁ ଗିରଫ କରିବାରେ ସକ୍ଷମ ହୋଇନାହିଁ।

ହାଟର ଏକ ସ୍ଥାନରେ ପରିବା ବଜାର ସଂଘ ସଦସ୍ୟ ଦଶରଥ ସାହାଣୀ ଓ ରାଜେନ୍ଦ୍ର ବେହେରା ଗୋଦାମ କରି ପରିବା ବ୍ୟବସାୟ କରନ୍ତି। ସେଠାରେ ଅନ୍ୟ ବ୍ୟବସାୟୀମାନେ ମଧ ସେମାନଙ୍କ ମାପ ଓଜନ ଯନ୍ତ୍ର ଏବଂ ଅନ୍ୟାନ୍ୟ ସାମଗ୍ରୀ ରଖିଥାନ୍ତି। ଭୋର ପ୍ରାୟ ସାଢ଼େ ୪ଟାରେ ଏହି ଗୋଦାମ ଜଳୁଥିବା କିଛି ବ୍ୟବସାୟୀ ଦେଖି ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ସେତେବେଳକୁ ସବୁ ପୋଡି ଯାଇଥିଲା। ପରିବା ସମେତ ମାପ ଓଜନ ଯନ୍ତ୍ର, ଫ୍ୟାନ ଆଦି ପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ଆକଳନ କରାଯାଉଛି।

## ସମବାୟ ସପ୍ତାହ ପାଳନ




ସମବାୟ ସପ୍ତାହ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା,୧୪।୧୧(ଡି.ଏନ୍.ଏ.)

ଆସିକା ସମବାୟ କେନ୍ଦ୍ର ବ୍ୟାଙ୍କ ପକ୍ଷରୁ ଗୁରୁବାର ବ୍ୟାଙ୍କ ପରିସରରେ ୬୬ତମ ସମବାୟ ସପ୍ତାହ ପାଳନ କରାଯାଇଥିଲା। ପରିଚାଳନା ପରିଷଦର ସଭାପତି ବୀରେନ୍ଦ୍ର କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମବାୟ ଉପନିବନ୍ଧକ ବିଶ୍ୱରଞ୍ଜନ ଦାସ, ଚିନିଶିଳ୍ପ ପରିଚାଳନା ପରିଷଦ ସଭାପତି ବିପିନ୍ ବିହାରୀ ପାତ୍ର, ବ୍ୟାଙ୍କ ସମ୍ପାଦକ ହରିଶ୍ଚନ୍ଦ୍ର ଦାସ, ଓକିଲ ସଂଘ ସଭାପତି ସରୋଜ ତ୍ରିପାଠୀ, ଆଇନଜୀବୀ ଭାସ୍କର ସ୍ୱାଇଁ, ପରିଚାଳନା ପରିଷଦର ସଦସ୍ୟ ଅରବିନ୍ଦ ନାହାକ, ରବୀନ୍ଦ୍ର କୁମାର ପରିଡା, ଖଲିଆ ସେଠୀ, ପଞ୍ଚାନନ ଗୌଡ ପ୍ରମୁଖ ଯୋଗଦେଇ ସମବାୟ ଆନ୍ଦୋଳନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏକଦା ସମବାୟ ନଗରୀ ରୂପେ ପରିଚିତ ଆସିକାରେ ବନ୍ଦ ହୋଇ ରହିଥିବା ବହୁ ସମବାୟ ଅନୁଷ୍ଠାନର ପୁନରୁଦ୍ଧାର ନିମନ୍ତେ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ମତପ୍ରକାଶ ପାଇଥିଲା। ପରିଚାଳନା ପରିଷଦର ସଭାପତି ଆରୁଖ ଏକଦା କ୍ଷତିରେ ଚାଲିଥିବା ଏହି ବ୍ୟାଙ୍କ ୨୦୧୧ପରେ କ୍ରମାଗତ ଲାଭ କରି ଆସୁଥିବା କହିଥିଲେ। ବ୍ୟାଙ୍କ ସମ୍ପାଦକ ବ୍ୟାଙ୍କ ପକ୍ଷରୁ ଅଂଶୀଦାର ସଭ୍ୟଙ୍କ ନିମନ୍ତେ ନିଆଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ।

# ବାଇକ୍‌ରୁ ଗଞ୍ଜେଇ ଜବତ, ଜଣେ ଗିରଫ

## କାର୍‌ରୁ ପଳାଇଲେ ୨ ଅଭିଯୁକ୍ତ

ଫୁଲବାଣୀ ଅଫିସ, ୧୪।୧୧

ଗୋଚ୍ଛାପଡା ଥାନା ପୋଲିସ ଲୋହରା ସାହିରେ ଚଢ଼ାଉ କରି ଗଞ୍ଜେଇ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କଟକ ଜିଲା କିଶନନଗର ଥାନା ପାଇକାନ ଗ୍ରାମର ସନ୍ତୋଷ ଭୋଇ। ତାଙ୍କ ପାଖରୁ ୭୫ କେଜି ଗଞ୍ଜେଇ ଜବତ କରାଯାଇଛି। ଏକ ବସ୍ତାରେ ଗଞ୍ଜେଇ ବୋଝେଇ କରି ବାଇକ୍(ନଂ.ଓଡି୨୧ ୭୩୮)ରେ ସନ୍ତୋଷ ବାଲନ୍ଦାପଡାରୁ ଫୁଲବାଣୀ ଦେଇ କଟକ ଅଭିମୁଖେ ଯାଉଥିଲେ। ବିଶେଷ ସୂତ୍ରରୁ ପୋଲିସ ଖବରପାଇ ଲୋହରାସାହି ପାଖରେ ସନ୍ତୋଷଙ୍କ ବାଇକ୍ ଅଟକାଇ ଯାଞ୍ଚ କରିବାରୁ ବସ୍ତାରେ ଗଞ୍ଜେଇ ଥିବା ଜଣାପଡିଥିଲା। ଏ ନେଇ ଥାନାରେ ନଂ.୭୪/୧୯ରେ ମାମଲା ରୁଜୁ ହୋଇଛି। ସେହିପରି ଅନ୍ୟ ଏକ ଘଟଣାରେ ଲୋହରାସାହି ଦେଇଏକ କାର(ଓଆର ୦୨ଏଜେଡ ୪୨୨୯) ଆସୁଥିଲା। ପୋଲିସକୁ ଦେଖି ସେଥିରେ ବସିଥିବା ୨ଜଣ ଫେରାର ହୋଇଯାଇଥିଲେ। ଗାଡି ଯାଞ୍ଚ ବେଳେ ସେଥିରୁ ମଧ ୭୫ କେଜି ଗଞ୍ଜେଇ ମିଳିବାରୁ ତାହାକୁ ଜବତ ହୋଇଥିଲା। ଫେରାର ଯୁବକଦ୍ୱୟ ସ୍ଥାନୀୟ ଅଞ୍ଚଳର ବୋଲି ଜଣାପଡିଛି। ଏ ନେଇ ନଂ.୭୫/୧୯ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ତୃପ୍ତିରଞ୍ଜନ ନାୟକ ସୂଚନା ଦେଇଛନ୍ତି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ଆସିକା,୧୪।୧୧(ଡି.ଏନ୍.ଏ.)

ଆସିକା ଏନ୍ଏସିର ତାଲୁକା ରୋଡରୁ ଗୁରୁବାର ସକାଳେ ଋଷିକୂଲ୍ୟା ନଦୀରୁ ଚାଲାଣ ହେଉଥିବାବେଳେ୨ବାଲି ବୋଝେଇ ଟ୍ରାକ୍ଟରକୁ ଭଞ୍ଜନଗର ଉପ-ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ଜବତ କରିଛନ୍ତି। ଜବତ ଟ୍ରାକ୍ଟରକୁ ଆସିକା ତହସିଲଦାରଙ୍କ ଜିମା ଦିଆଯାଇଛି। ସେହିଭଳି ଆସିକା ତହସିଲ ଅନ୍ତର୍ଗତ ମାଗୁରା ପାହାଡ ନିକଟରୁ ଗୋଟିଏ ଜେସିବି ମେଶିନ୍ ଓ ଗୋଟିଏ ଟ୍ରାକ୍ଟର ଆସିକା ତହସିଲଦାର ଆଶୁତୋଷ ଗୌରବ କରଙ୍କ ଦ୍ୱାରା ଜବତ କରାଯାଇଛି।

# ୪ର୍ଥ ଦିନରେ ବେଳାଭୂମି ସଫେଇ ଅଭିଯାନ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ର।

ଗୋପାଳପୁର,୧୪।୧୧

ଜିଲା ପ୍ରଶାସନ ଓ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଗୋପାଳପୁର ଏନ୍ଏସି ସହଯୋଗରେ ଚାଲିଥିବା ଗୋପାଳପୁର ବେଳାଭୂମି ସଫେଇ ଅଭିଯାନ ଗୁରୁବାର ଚତୁର୍ଥ ଦିନରେ ପହଞ୍ଚିଛି। ଚତୁର୍ଥ ଦିନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବୈଜ୍ଞାନିକ ତଥା ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡି. ରାଜଶେଖର ରାଜି, ସମ୍ମାନିତ ଅତିଥି ଭାବେ ସେଣ୍ଟ୍ରାଲ ଏନ୍‌ଭାରମେଣ୍ଟ ଷ୍ଟଡିସର ବୈଜ୍ଞାନିକ ରାଜେଶ କୁମାର ମହନ୍ତ ଓ ଗଞ୍ଜାମ ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା ଯୋଗ ଦେଇଥିଲେ। ସ୍ଥାନୀୟ ଭି.ଭି.ଗିରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଡିପଲ ସ୍କୁଲ, ସେଣ୍ଟ ଭିନସେଣ୍ଟ ସ୍କୁଲ, ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ଓ ଅନ୍ୟାନ୍ୟ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମେତ ସ୍କାଉଟ ଏବଂ ଗାଇଡର ୩୦୦ରୁ ଉର୍ଦ୍ଧ୍ୱ ବେଳାଭୂମି ସଫେଇରେ ସାମିଲ ହୋଇଥିଲେ। ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ, ରଙ୍ଗେଇଲୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ଡ଼. ପ୍ରଭାତି କୁମାର ମହାପାତ୍ର ଓ ଇକୋ କ୍ଲବ ସଂଯୋଜକ ଶଙ୍କର ନାରାୟଣ ବେଜ, ରାଜେନ୍ଦ୍ର କୁମାର ବେହେରା, ଅନନ୍ତ ରାମ ପଣ୍ଡା ଓ ବହୁ ଅଧିକାରୀ ଉପସ୍ଥିତ ଥିଲେ।

## ଫେସବୁକରେ ବିବାହିତାଙ୍କ ସହ ବନ୍ଧୁତା ମହଙ୍ଗା ପଡିଲା

# ବଳାତ୍କାର ଅଭିଯୋଗରେ ଜେଲ ଗଲେ ଯୁବକ

ଦିଗପହଣ୍ଡି,୧୪।୧୧(ଡି.ଏନ.ଏ.)

ଜଣେ ବିବାହିତାଙ୍କ ସହ ଫେସବୁକ୍‌ରେ ବନ୍ଧୁତା କରିବା ଜଣେ ଯୁବକଙ୍କୁ ମହଙ୍ଗା ପଡ଼ିଛି। ଉକ୍ତ ମହିଳାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଦିଗପହଣ୍ଡି ପୋଲିସ ଗୁରୁବାର ସମ୍ପୃକ୍ତ ଯୁବକ ତଥା ରାୟଗଡ଼ା ଜିଲା ଆମ୍ବାଦୋଳାର ପ୍ରଫୁଲ୍ଲ କୁମାର ସାହୁ ଓରଫ ବୁଲୁଙ୍କୁ ଗିରଫ କରି ବ୍ରହ୍ମପୁରସ୍ଥିତ ଜିଲା ଦୌରାଜଜଙ୍କ କୋର୍ଟକୁ ଚାଲାଣ କରିଛି। ଏ ନେଇ ଥାନାରେ ନଂ. ୨୨୩/୧୯ମାମଲା ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ବ୍ରହ୍ମପୁର ଜେଲକୁ ପଠାଇ ଦିଆଯାଇଛି। ଆଇଆଇସି ବସନ୍ତ କୁମାର ସେଠୀଙ୍କ ସୂଚନାନୁସାରେ ଦିଗପହଣ୍ଡି ଥାନା ଅଞ୍ଚଳର ମହିଳା ଜଣକ ଗତ ୨୦୧୮ ରେ ବୁଲୁଙ୍କୁ ଫେସବୁକରେ ଫ୍ରେଣ୍ଡ ରିକ୍ୱେଷ୍ଟ ପଠାଇଥିଲେ। ୨ ଦିନ ପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ବଢିଥିଲା। ଉଭୟେ ଫୋନ ନମ୍ବର ଆଦାନପ୍ରଦାନ କରିଥିଲେ। ପରେ ବୁଲୁ ବ୍ରହ୍ମପୁର ଆସି ବିଜିପୁର ସନ୍ତୋଷୀ ମା' ମନ୍ଦିର ନିକଟରେ ମହିଳାଙ୍କୁ ସାକ୍ଷାତ କରିଥିଲେ। ଉଭୟେ ଅନେକଥର ପୁରୀ, ଗୋପାଳପୁର ବୁଲି ଯାଇଥିଲେ। ବି ଟେକ ଡିଗ୍ରୀ ସାରିବା ପରେ ବୁଲୁ ବ୍ୟବସାୟ କରୁଥିଲେ। ମହିଳାଙ୍କ ସହ ଅନୈତିକ ସମ୍ପର୍କ ନିବିଡ଼ ହେବା ପରେ ତାଙ୍କ ଘରକୁ ବହୁବାର ଯା'ଆସ କରୁଥିଲେ। ମହିଳାଙ୍କ ଅନୁରୋଧ ରକ୍ଷାକରି ତାଙ୍କ ସ୍ୱାମୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଅନେକ ଥର ପେଟିଏମରେ ଟଙ୍କା ପଠାଇଥିଲେ। ମହିଳା ଜଣକ ବୁଲୁଙ୍କୁ ବିବାହ ପ୍ରସ୍ତାବ ଦେବାରୁ ସେ ପ୍ରତ୍ୟାଖ୍ୟାନ କରିଥିଲେ। ମହିଳା ଏ ନେଇ ଗତ ୨ ତାରିଖରେ ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଗତ ନଭେମ୍ବର ୩ ତାରିଖଠାରୁ ୨୦୧୯ ସେପ୍ଟେମ୍ବର ୧୫ ତାରିଖ ମଧ୍ୟରେ ଅନେକ ଥର ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିବା ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ଅଭିଯୁକ୍ତଙ୍କ ବିରୋଧରେ ପୋଲିସ ମକଦ୍ଦମା ରୁଜୁ କରିଥିଲା। କୌଶଳକ୍ରମେ ତାଙ୍କୁ ଦିଗପହଣ୍ଡି ଡକାଇ ଆଣି ବ୍ରହ୍ମପୁର ବଡ ଡାକ୍ତରଖାନାରେ ଡାକ୍ତରୀ ମାଇନା କରାଇବା ସହ ଗୁରୁବାର ଗିରଫ କରିଥିଲା। ପୀଡ଼ିତା ମହିଳାଙ୍କ ନିକଟରୁ ମୋବାଇଲ ଫୋନ ଜବତ କରାଯାଇଥିବା ତଦନ୍ତକାରୀ ପୋଲିସ ଅଧିକାରୀ ମାଧବ ଚନ୍ଦ୍ର ଟାକରୀ କହିଛନ୍ତି।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ